# ଶିକ୍ଷାଦାନରେ ଅବହେଳା କଲେ ଶିକ୍ଷକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

## ଜିଲାସ୍ତରୀୟ ସମୀକ୍ଷା ବୈଠକ

କୋରାପୁଟ,୧୯।୪(ଅମିତାଭ ବେହେରା)



ବୈଠକରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଅଧିକାରୀ, ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ।

କୋରାପୁଟ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅଧ୍ୟକ୍ଷତା କରି ଜିଲା ମଙ୍ଗଳ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷାରେ ଅବହେଳା କିମ୍ବା ତ୍ରୁଟି ଦେଖାଦେଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରିଛନ୍ତି। ବୈଠକରେ ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ କରିବା, ଆବଶ୍ୟକ ଗୃହ ଉପଲବ୍ଧତା ଓ ସେଗୁଡ଼ିକର ଅବସ୍ଥା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିପଦସଙ୍କୁଳ ଗୃହ, ହଷ୍ଟେଲ ଓ ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଅଧିକାରୀମାନଙ୍କୁ ପଚରାଯାଇଛି। ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରଙ୍କ ଭୟ ଦୂର କରି ପାଠ ପଢ଼ାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କୌଣସି ବିଷୟରେ ଛାତ୍ରୀଛାତ୍ର ଫେଲ ହେଲେ ସମ୍ପୃକ୍ତ ଶିକ୍ଷକଙ୍କୁ ଦାୟୀ କରାଯିବ ବୋଲି ସେ କହିଥିଲେ। ଶତପ୍ରତିଶତ ସଫଳତା ସହ ମେଧାବୀ ବୃତ୍ତି ପ୍ରାପ୍ତି ପାଇଁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପ୍ରଦାନ ସମୟରେ ପ୍ରଥମେ ଶିକ୍ଷକମାନେ ଖାଦ୍ୟ ଚେକ କରିବା, ବାସି ଖାଦ୍ୟ ନ ଦେବା, ସୁରକ୍ଷା ବ୍ୟବସ୍ଥା ମଜଭୁତ କରିବାକୁ ପ୍ରଧାନଶିକ୍ଷକମାନଙ୍କୁ ତାଗିଦ କରାଯାଇଛି। ପାନୀୟ ଜଳ ଓ ସ୍ୱାସ୍ଥ୍ୟ ପରୀକ୍ଷାକୁ ସୁଚାରୁ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟର ସମସ୍ୟା ସମାଧାନରେ ବିଫଳ ହେଲେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସଚେତନ କରିଥିଲେ। ବୈଠକରେ ଜୟପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ତୃପ୍ତି ବରାଇ, କୋରାପୁଟ ପ୍ରକଳ୍ପ ପ୍ରଶାସିକା ସ୍ନେହପ୍ରଭା ମାଝୀ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

## ବଢ଼ୁଛି ଖରା, ଖୋଲାଯାଉନି ଜଳଛତ୍ର

ନନ୍ଦପୁର,୧୯।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଞ୍ଚଳରେ ଗ୍ରୀଷ୍ମର ପ୍ରଭାବ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଧ୍ୟାହ୍ନରୁ ତାପମାତ୍ରା ୩୯ ରୁ ୪୦ ଡିଗ୍ରୀ ରହୁଛି। ଖରାଦିନକୁ ଦୃଷ୍ଟିରେ ରଖି ରାସ୍ତାଘାଟରେ ଜଳଛତ୍ର ଖୋଲିବାକୁ ସରକାରଙ୍କ ନିର୍ଦ୍ଦେଶ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟକାରୀ ହୋଇପାରିନାହିଁ। ଲୋକେ ହାଟବଜାର ରାସ୍ତାଘାଟରେ ପିଇବା ପାଣି ପାଉ ନ ଥିବାରୁ ବାଧ୍ୟ ହୋଇ ଦୋକାନରୁ ବୋତଲ ପାଣି କିଣି ପିଉଥିବା କହିଛନ୍ତି। ଗରିବ, ଶ୍ରମିକ ଓ ଛାତ୍ରୀଛାତ୍ରଙ୍କ ପାଇଁ ପାଣି କିଣି ପିଇବା କଷ୍ଟକର ବୋଲି କହିଛନ୍ତି। ନିର୍ଦ୍ଦେଶ ସତ୍ତ୍ୱେ ପଞ୍ଚାୟତ, ବ୍ଲକ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ତହସିଲ ପ୍ରଶାସନ ବ୍ଲକ ଅଞ୍ଚଳରେ ଜଳଛତ୍ର ସ୍ଥାପନ କରି ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ପଚାରିବାରୁ ଜିପିଡିଓଙ୍କୁ ବ୍ଲକ ଅଧୀନ ୨୩ ପଞ୍ଚାୟତର ଜନଗହଳି ସ୍ଥଳ ଓ ରାସ୍ତା ଘାଟ ଚିହ୍ନଟ କରି ଜଳଛତ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗ ଅଧୀନ ୨୨୬ (ଜିକେଏସ୍) ଗାଁ କଲ୍ୟାଣ ସମିତି କ୍ଷେତ୍ରରେ ଜଳଛତ୍ର ସ୍ଥାପନ କରି ପାନୀୟ ଜଳ ଯୋଗାଇ ଦେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ପ୍ରତି ସରକାରୀ କାର୍ଯ୍ୟାଳୟ ଓ ଦୋକାନୀମାନଙ୍କୁ ନିଜ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନ ସମ୍ମୁଖରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସଚେତନ କରାଯାଇଥିବା ସୂଚନା ଦେଇଛନ୍ତି। ଜିପିଡିଓ ଦେବେନ୍ଦ୍ର କୁମାର ମାଝୀ ଜଳଛତ୍ର ସ୍ଥାପନ ନିମନ୍ତେ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା ନ ଥିଲେ ସୁଦ୍ଧା ପଞ୍ଚାୟତ ପାଣ୍ଠିରେ ସ୍ଥାନ ଚିହ୍ନଟ କରି ଜଳଛତ୍ର ସ୍ଥାପନ କରିବାକୁ ସମସ୍ତ ପିଇଓ ଓ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦିନେ ଦୁଇଦିନ ମଧ୍ୟରେ ସମସ୍ତ ପଞ୍ଚାୟତରେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପ୍ରେମିକର ନିର୍ଯାତନା ସହି ନ ପାରି ଛାତ୍ରୀଙ୍କ ଆତ୍ମହତ୍ୟା ଅଭିଯୋଗ

କୋରାପୁଟ,୧୯।୪(ଅମିତାଭ ବେହେରା)

ପ୍ରେମିକର ନିର୍ଯାତନା ସହି ନ ପାରି ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ନ୍ୟାୟ ପାଇଁ କୋରାପୁଟ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, କୋରାପୁଟ ସଦର ମହକୁମା ପିତେଇ ଗ୍ରାମର ପ୍ରଫୁଲ୍ଲ ଖେମୁଣ୍ଡୁଙ୍କ ଝିଅ ଗାୟତ୍ରୀ ଖେମୁଣ୍ଡୁ ସୁନାପୁର ଜେଜେ ମା'ଙ୍କ ଘରେ ରହି ସେମିଳିଗୁଡା କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପଢ଼ୁଥିଲେ। ଦାମନଯୋଡ଼ିସ୍ଥିତ ମାଥାଲପୁଟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଭଲ ପାଉଥିଲେ। କିଛି କଥାକୁ ନେଇ ୨ ଜଣଙ୍କ ଭିତରେ ମତାନ୍ତର ଲାଗି ରହୁଥିଲା। ଶନିବାର ସନ୍ଧ୍ୟାରେ ପ୍ରେମିକ ଛାତ୍ରୀ ରହୁଥିବା ଘରକୁ ଯାଇ ତାଙ୍କୁ ମାଡ଼ ମାରିଥିଲେ। ରବିବାର ଛାତ୍ରୀଙ୍କ ବାପା ମୋବାଇଲ ସଜାଡିବାକୁ କୋରାପୁଟ ଆସିଥିବା ବେଳେ ଝିଅ ଆତ୍ମହତ୍ୟା କରିଥିବା କହିଛନ୍ତି। ଏ ନେଇ ସଦର ଥାନା ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବା ଥାନାଧିକାରୀ ରୁନୁ ମାଝୀ କହିଛନ୍ତି।

### ଘର ଆଗରୁ ଗାଡ଼ି ଚୋରି ଅଭିଯୋଗ




ସୁନାବେଡା/ସେମିଳିଗୁଡ଼ା,୧୯।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସୁନାବେଡା ଥାନା ଅଧୀନ ସରସ୍ୱତୀ ନଗର ଷଷ୍ଟଲେନ ଅଞ୍ଚଳର ଅଭୟ କୁମାର ସିଂହଙ୍କ ଘର ଆଗରୁ ତାଙ୍କ କାର କେହି ଦୁର୍ବୃତ୍ତ ଶନିବାର ଚୋରି କରି ନେଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ସୁନାବେଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶନିବାର ରାତିରେ ଗାଡ଼ି(ଓଡି ୧୦-ଡବ୍ଲ୍ୟୁ-୩୯୬୨) ଘର ପାଖରେ ରଖିଥିଲେ। ରବିବାର ସକାଳୁ ଗାଡ଼ି ନ ଥିବା ଦେଖିଥିଲେ। ପୋଲିସ ଆଖପାଖରେ ଥିବା ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ କରୁଥିବା ସୁନାବେଡ଼ା ଥାନାଧିକାରୀ ସୁଷମା କୁହଁର ସୂଚନା ଦେଇଛନ୍ତି।

### ସରୋଜଙ୍କୁ ଜରୁରିକାଳୀନ ପରିସ୍ଥିତି ବନ୍ଦୀ ଭତ୍ତା ମଞ୍ଜୁରୀ ନିର୍ଦ୍ଦେଶ



ନନ୍ଦପୁର,୧୯।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମା ନିବାସୀ ସରୋଜ ମିଶ୍ରଙ୍କୁ ଜରୁରିକାଳୀନ ପରିସ୍ଥିତିରେ ବନ୍ଦୀ ଭାବେ ଭତ୍ତା ପ୍ରଦାନ କରିବାକୁ ମଞ୍ଜୁରୀ ଦିଆଯାଇଥିବା ରାଜ୍ୟ ଗୃହ(ସ୍ୱତନ୍ତ୍ର ସେକ୍ସନ) ବିଭାଗ ଅଣ୍ଡର ସେକ୍ରେଟାରୀ ଚିତ୍ତରଞ୍ଜନ ନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୯୯/ସି ଭୁବନେଶ୍ୱର, ହୋମ/ଏସପିଏଲ ୧-ପିଜି ୧-୦୦୧୩-୨୦୨୫ ପ୍ରକାରେ ଚିଠି ଲେଖି ସରୋଜଙ୍କୁ ମଞ୍ଜୁରୀ ନେଇ ଅବଗତ କରିଛନ୍ତି। ସେ ପୂର୍ବତନ ଜିଲା ଭାଜପା ଉପସଭାପତି ଭାବେ ଦଳର ସାଂଗଠନିକ ଦାୟିତ୍ୱ ତୁଲାଇଛନ୍ତି। ୧୯୭୬ ଜୁନ ୩ରେ ତାଙ୍କୁ ପୋଲିସ ଗିରଫ କରି କୋରାପୁଟ କାରାଗାରରେ ବନ୍ଦୀ ଭାବେ ରଖିଥିଲା। ଜରୁରୀ ପରିସ୍ଥିତି ୧୯୭୭ ମାର୍ଚ୍ଚ ୨୧ ରେ ସମାପନ ହୋଇଥିଲେ ସୁଦ୍ଧା କୋର୍ଟ ପ୍ରକ୍ରିୟାରେ ତାଙ୍କୁ ୧୯୭୭ ମାର୍ଚ୍ଚ ୩୧ରେ ମୁକ୍ତ କରାଯାଇଥିଲା। ଦୀର୍ଘ ୧୦ ମାସ ସେ କୋରାପୁଟ କାରାଗାରରେ କାରାଦଣ୍ଡ ଭୋଗିଥିବା ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଜରୁରୀକାଳୀନ ପରିସ୍ଥିତିରେ ବନ୍ଦୀମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିବା ପରେ କୋର୍ଟ ଓ କାରାଗାରର କାଗଜପତ୍ର ସହ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଶୀଘ୍ର ବିଭାଗ ତାଙ୍କୁ ଭତ୍ତା ପ୍ରଦାନ କରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

## କୋଟପାଡ଼-ମୂର୍ତ୍ତାହାଣ୍ଡି ରାସ୍ତା ମରଣଯନ୍ତା, ଲୋକେ ହଇରାଣ

କୋଟପାଡ଼,୧୯।୪(କେ.ରାଜଶେଖର ରାଓ)



କୋରାପୁଟ ଜିଲା କୋଟପାଡ଼ ବ୍ଲକ ଧାମନାହାଣ୍ଡି, ଭୁରସୀ ପଟିଆ, ନାରାହାଣ୍ଡି, ଗୁଳିଗୁଡା ଓ ମୂର୍ତ୍ତାହାଣ୍ଡି ଆଦି ପଞ୍ଚାୟତକୁ ସଂଯୋଗ କରିଥିବା ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ସ୍ଥାନେ ସ୍ଥାନେ ପିଚୁ ଉଠି ବଡ଼ ଗର୍ତ୍ତ ହୋଇଛି। ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବାରୁ ଲୋକେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ମୂର୍ତ୍ତାହାଣ୍ଡି ପଞ୍ଚାୟତକୁ ଯିବାକୁ ହେଲେ କୋଟପାଡ଼ଠାରୁ ୨୫ କି.ମି. ଭୟା ଚାନ୍ଦିଲି ପଞ୍ଚାୟତ ୬୩ ନମ୍ବର ଜାତୀୟ ରାଜପଥ ଦେଇ ଯିବାକୁ ପଡ଼େ। କିନ୍ତୁ କୋଟପାଡ଼ ବଣ୍ଡାଗୁଡ଼ା ଦେଇ ଯିବା ପାଇଁ ୧୪ କି.ମି. ଦୂର ହୋଇଥାଏ। ଏହା ମଝିରେ ଥିବା ଯଉଁରା ନଦୀ ଉପରେ ସେତୁ ନିର୍ମାଣ ହୋଇଛି। ଏହି ସମୟରେ ମୂର୍ତ୍ତାହାଣ୍ଡିଠାରୁ କୋଟପାଡ଼ ଯାଏ ପିଚୁରାସ୍ତା ନିର୍ମାଣ ହେଇଥିଲା। ଏହି ରାସ୍ତା ଦେଇ ଛତର୍ଲା, ମୁର୍ତ୍ତାହାଣ୍ଡି ଅଧିକାଂଶ ଲୋକ କୋଟପାଡ଼ ଯାତାୟାତ କରନ୍ତି। ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ ଓ ହାଟବଜାର ପାଇଁ ଛାତ୍ରୀଛାତ୍ର କୋଟପାଡ଼ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହି ରାସ୍ତାରେ ଆବଶ୍ୟକଠାରୁ ଅଧିକ ଭାରିଯାନ ଯାତାୟାତ କରୁଥିବାରୁ ଏହା ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି। ମାର୍ଚ୍ଚମାସରେ ମୁର୍ତ୍ତାହାଣ୍ଡିଠାରୁ ନଦୀ ଯାଏ ପୂର୍ତ୍ତ ବିଭାଗ ଲକ୍ଷାଧିକ ଟଙ୍କା ବ୍ୟୟରେ ନିମ୍ନମାନର କାମ କରି ନଦୀଠାରୁ କୋଟପାଡ଼ ଯାଏ ସମ୍ପୂର୍ଣ୍ଣ କରିନାହାନ୍ତି। ଏ ନେଇ ଅଞ୍ଚଳର ଜନ ପ୍ରତିନିଧିମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ବିପିନ ଟାକ୍ରୀଙ୍କୁ ଯୋଗାଯୋଗ କରିବାରୁ କାର୍ଯ୍ୟର ଏଷ୍ଟିମେଣ୍ଟ ପାଇଁ ପଠାଯାଇଛି। ନିର୍ଦ୍ଦେଶ ଆସିଲେ ଶୀଘ୍ର ରାସ୍ତା ତିଆରି ହେବ ବୋଲି ସେ କହିଛନ୍ତି।

## ବିଶ୍ୱବିଦ୍ୟାଳୟକେନ୍ଦ୍ରୀୟ ଅଧିକାରୀଙ୍କ ସରକାରୀ ଗସ୍ତକୁ ନେଇ ତଦନ୍ତ ଦାବି

ସୁନାବେଡ଼ା,୧୯।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ଅଧିକାରୀଙ୍କ ସରକାରୀ ଗସ୍ତକୁ ନେଇ କ୍ୟାମ୍ପସ ସରଗରମ ହୋଇଥିବା ଦେଖିବାକୁ ମିଳିଛି। ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୧୬ ତାରିଖ ଅଫିସ ଅର୍ଡର ନଂ-୨୧/୨୦୨୬ଇଆଇ ମୁତାବକ କେନ୍ଦ୍ରୀୟ ଶିକ୍ଷା ନିର୍ଦ୍ଦେଶକ ସୁବ୍ରତ କୁମାର ପ୍ରଧାନଙ୍କ ୬୦ ଦିନ ଛୁଟି ମଞ୍ଜୁର ହୋଇଛି। ଅର୍ଡର ଅନୁସାରେ ସେ ୧୬।୩।୨୦୨୬ରୁ ୧୪।୫।୨୦୨୬ ଯାଏ ପ୍ରାୟ ୬୦ଦିନ ଛୁଟିରେ ରହିଛନ୍ତି। ଏହି ସମୟ ମଧ୍ୟରେ ଦୁଇଦିନ ତାଙ୍କର ସୁନାବେଡ଼ା ବିଶ୍ୱବିଦ୍ୟାଳୟ ପରିଦର୍ଶନ ବିଜ୍ଞପ୍ତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁରୁବାର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏକ ବିଜ୍ଞପ୍ତି ଜାରି କରି ପ୍ରଧାନଙ୍କ ଗସ୍ତ କଥା ଉଲ୍ଲେଖ କରିଥିବା ସହ ସେହି ଦୁଇଦିନ ବିଶ୍ୱ ବ୍ଦିଯାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିବାକୁ ପରାମର୍ଶ ଦିଆ ଯାଇଥିବା ଜଣାପଡ଼ିଛି। ଏହାଛଡା ବିଶ୍ୱବିଦ୍ୟାଳୟରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ମାନବାଧିକାର କର୍ମୀ ଅନୁପ ପାତ୍ର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଥିବା ଜଣାପଡ଼ିଛି। ତାଙ୍କ ଅଭିଯୋଗ ଅନୁଯାୟୀ, ପ୍ରଫେସର ଏନ୍.ସି. ପଣ୍ଡାଙ୍କୁ ସଂସ୍କୃତ ବିଭାଗର ପ୍ରଫେସର ଓ ପରେ କାର୍ଯ୍ୟକାରୀ କୁଳପତି ଭାବେ ନିଯୁକ୍ତି ଦିଆଯିବା ସମ୍ପୂର୍ଣ୍ଣ ବେଆଇନ। ଏଥିସହ ବିଶ୍ୱବିଦ୍ୟାଳୟରେ ଦୀର୍ଘ ୨ ବର୍ଷ ଧରି ପରୀକ୍ଷା ଫଳ ପ୍ରକାଶ ନ ହେବା, ୨୪/୭ ଲାଇବ୍ରେରୀ ସୁବିଧା ଓ ୱାଇ-ଫାଇ ପ୍ରତ୍ୟାହାର ଓ ହଷ୍ଟେଲରେ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ୫ ଛାତ୍ରଙ୍କୁ ବିନା କାରଣ ଦର୍ଶାଅ ନୋଟିସରେ ବହିଷ୍କାର କରାଯିବା ପ୍ରାକୃତିକ ନ୍ୟାୟର ଉଲ୍ଲଂଘନ, ନିଯୁକ୍ତି କ୍ଷେତ୍ରରେ ବରିଷ୍ଠତାକୁ ଅଣଦେଖା କରାଯାଇ ଅନୁସୂଚିତ ଜାତି(ଏସ୍‌ସି) ସମ୍ପ୍ରଦାୟର ପ୍ରଫେସରମାନଙ୍କୁ ସାମ୍ବିଧାନିକ ସୁଯୋଗରୁ ବଞ୍ଚିତ କରାଯାଉଥିବା ନେଇ ସମ୍ବିଧାନର ଧାରା ୧୪, ୧୬ ଏବଂ ୨୧ ର ସ୍ପଷ୍ଟ ଉଲ୍ଲଂଘନ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସ୍ଥାୟୀ କୁଳପତି ଓ କୁଳସଚିବ ନିଯୁକ୍ତ ସହ ବହିଷ୍କୃତ ୫ ଛାତ୍ରଙ୍କୁ ପୁନଃ ଅବସ୍ଥାପିତ କରାଯିବା ସହ ଅଟକି ରହିଥିବା ପରୀକ୍ଷା ଫଳ ତୁରନ୍ତ ପ୍ରକାଶ କରାଯିବାକୁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ସିୟୁ ରେଜିଷ୍ଟ୍ରାର ରାକେଶ କୁମାର ଲେଙ୍କାଙ୍କୁ ତାଙ୍କ ମୋବାଇଲରେ ବାରମ୍ବାର କଲ କରିବା ସତ୍ତ୍ୱେ ସେ କଲ ଗ୍ରହଣ କରି ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ଓୟୁଜେର ଜିଲା କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଓ ଅନ୍ୟମାନେ।

କୋରାପୁଟ/ଲକ୍ଷ୍ମୀପୁର,୧୯।୪
(ଅମିତାଭ ବେହେରା/ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ବାସନ୍ତୀ କଲ୍ୟାଣ ମଣ୍ଡପରେ କୋରାପୁଟ ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ଶାଖା ସଭାପତି ଶଶୀଧର ରାଉତଙ୍କ ସଭାପତିତ୍ୱରେ ବିଧାୟକ ପବିତ୍ର ସାଉଁତା ଯୋଗଦେଇଥିଲେ। ଖବରଦାତାମାନେ ସମାଜର ଜାଗ୍ରତପ୍ରହରୀ। ପ୍ରତି ମୁହୂର୍ତ୍ତରେ ଘଟୁଥିବା ଖବରକୁ ସେମାନେ ଲୋକ ଲୋଚନକୁ ଆଣୁଛନ୍ତି। ନିଜ ଜୀବନକୁ ବାଜି ଲଗାଇ ପ୍ରତି ଖବର ପ୍ରସାରଣ କରୁଥିବା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଖବରଦାତା ବନ୍ଧୁମାନଙ୍କ ସବୁ ସମୟରେ ସାଥୀ ହୋଇ ରହିବେ ବୋଲି କହିଛନ୍ତି। ଚଳିତ ସରକାର ଖବରଦାତାଙ୍କ ସମସ୍ତ ଦାବିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସରକାରକୁ ଆସିବା ପରେ ମଧ୍ୟ କୌଣସି ଦାବିପୂରଣ ହୋଇ ନ ଥିବାରୁ ଖବରଦାତାଙ୍କ ଲଢ଼େଇରେ ବିଧାୟକ ସହଯୋଗ କରିବେ ବୋଲି କହିଛନ୍ତି। ଏମ୍‌ପି ପ୍ରତିନିଧି କୈଳାସ ଖୋସଲା ଖବରଦାତାଙ୍କ ନ୍ୟାଯ୍ୟ ଦାବି ରାଜ୍ୟ ସରକାର ତୁରନ୍ତ ସମାଧାନ କରନ୍ତୁ ବୋଲି କହିଛନ୍ତି। ବୈଠକରେ ଓୟୁଜେ ରାଜ୍ୟ ଉପସଭାପତି ପରିକ୍ଷୀତ ବିଶ୍ୱାଳ, ରାଜ୍ୟ ସମ୍ପାଦକ ତଥା ମାଲକାନଗିରି ଜିଲା ସଭାପତି ଦେବପ୍ରସାଦ ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ମହାନ୍ତି, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ପର୍ଯ୍ୟାୟ ବୈଠକରେ ଉପଦେଷ୍ଟା ଭବାନୀ ଶଙ୍କର ମିଶ୍ର, ଜିଲା ଆଇନ ପରାମର୍ଶଦାତା ବାଲା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସାଉଁତା ଜିଲାର ସମସ୍ତ ବୈଦ୍ୟୁତିକ ଓ ପ୍ରିଣ୍ଟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସଂଯୋଜକ, ବରିଷ୍ଠ ସଦସ୍ୟଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହ ସମ୍ପାଦକ ଶରତ କୁମାର ଧଳ ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମୀପୁର ବ୍ଲକ୍ ସଂଯୋଜକ ଯୁଧିଷ୍ଠିର ବାଘ, ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଜେନା ସହଯୋଗ କରିଥିଲେ।

## ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ବୈଠକ

ଜୟପୁର,୧୯।୪(ପବନ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ଅମଲା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ।

କୋରାପୁଟ ଜିଲା ଜୟପୁର ଯାଦବ ଭବନରେ ଓଡ଼ିଶା ଅମଲା ସଂଘ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ଅମଲାମାନଙ୍କ ଦାବିପୂରଣ ନ ହେବାରୁ ସେମାନେ ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି। ରାଜ୍ୟ ସଂଘ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସଂଘର ତ୍ରୟବାର୍ଷିକୀ ସମ୍ମିଳନୀ ଜିଲାରେ କରିବାକୁ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀଭୂଷଣ ଦାସ ଦାବି କରୁଥିବାରୁ ତାଙ୍କ ବିରୋଧରେ ରାଜ୍ୟ ସଂଘର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରି ପ୍ରତିବାଦ କରାଯାଇଛି। ରାଜ୍ୟ ଗୃହ ସଚିବ ଓଡ଼ିଶାଙ୍କୁ ଚିଠି ଲେଖି କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ୨୩।୫।୨୦୨୬ ଓ ୨୪।୫।୨୦୨୬ରେ ତ୍ରୟବାର୍ଷିକୀ ସମ୍ମିଳନୀ କରିବା ପାଇଁ ଅନୁମତି ନେବାକୁ ସୂଚନା ଦେଇଥିଲେ। ରାଜ୍ୟ ସଂଘ ନେତୃବୃନ୍ଦଙ୍କ ମନମୁଖି ଶାସନ ଓ ଆକ୍ରୋଶମୂଳକ ମନୋଭାବକୁ ନେଇ ବିଭିନ୍ନ ଜିଲାରେ ଆନ୍ଦୋଳନ ହେବ ବୋଲି କୁହାଯାଇଛି। ବୈଠକରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସଭାପତି ଜଗନ୍ନାଥ ମାଝୀ, କୋରାପୁଟ ଜିଲା ଶାଖାର ସାଂଗଠନିକ ସମ୍ପାଦକ କୈଳାସ ସାମନ୍ତରାୟ, ଉପସଭାପତି ସଞ୍ଜୟ କୁମାର ରଥ, ଯୁଗ୍ମ ସମ୍ପାଦିକା ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦପୁର-ଲମତାପୁଟ ଠିକାଦାରଙ୍କ ଆଲୋଚନା ବୈଠକ


ବୈଠକରେ ଉପସ୍ଥିତ ୨ ବ୍ଲକର ଠିକାଦାରମାନେ।

ନନ୍ଦପୁର,୧୯।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡ଼ା ପଞ୍ଚାୟତ କଣ୍ଟାସାରୁ ଗ୍ରାମରେ ନନ୍ଦପୁର,ଲମତାପୁଟ ବ୍ଲକ ଅଞ୍ଚଳର ଠିକାଦାରମାନଙ୍କ ଆଲୋଚନା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ବ୍ଲକର ୩୦ରୁ ଊର୍ଦ୍ଧ୍ୱ ଠିକାଦାର ଉପସ୍ଥିତ ଥିଲେ। ସଦସ୍ୟମାନେ ସରକାରଙ୍କ ବିଭିନ୍ନ ବିଭାଗର ଟେଣ୍ଡର ପ୍ରକ୍ରିୟା, ନିର୍ମାଣ ସାମଗ୍ରୀର ଦରବୃଦ୍ଧି, ବାହାର ଅଞ୍ଚଳର ଠିକାଦାରଙ୍କ ପ୍ରାଧାନ୍ୟ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟେଣ୍ଡର ପ୍ରକ୍ରିୟାରେ ସର୍ବନିମ୍ନ ୧୪.୯୯ ପ୍ରତିଶତ କମ ପୂର୍ବ ନିୟମକୁ ସବୁ ବିଭାଗ କାର୍ଯ୍ୟକାରୀ କରନ୍ତୁ। ସରକାରଙ୍କ ନୂଆ ଅନଲିମିଟେଡ ଡାକରାକୁ ସମସ୍ତେ ପ୍ରତ୍ୟାଖାନ କରିବେ ବୋଲି ସ୍ଥିର କରାଯାଇଥିଲା। ସର୍ବସମ୍ମତି କ୍ରମେ ୨ ବ୍ଲକର ଠିକାଦାରଙ୍କୁ ନେଇ ସଂଘ ଗଠନ କରିବାକୁ ସ୍ଥିର ହୋଇଛି। ନନ୍ଦପୁର ସଦର ମହକୁମାର ବରିଷ୍ଠ ଠିକାଦାର ବି.ସୀମାଞ୍ଚଳ ଚୌଧୁରୀଙ୍କୁ କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକ ଅଶୋକ ସାହୁଙ୍କୁ ମନୋନୀତ କରାଯାଇଛି।

## ପଞ୍ଚପଟ୍ଟମାଳି ଭଲିବଲ ଟୁର୍ନାମେଣ୍ଟ

ଦାମନଯୋଡ଼ି,୧୯।୪(ନରସିଂହ ବ୍ରହ୍ମା)



କୋରାପୁଟ ଜିଲା ଦାମନଯୋଡ଼ି ପଞ୍ଚପଟ୍ଟମାଳି ପାରିପାର୍ଶ୍ୱିକ ଗ୍ରାମ ଭଲିବଲ ଟୁର୍ନାମେଣ୍ଟ ୨୦୨୬ର ପ୍ରଥମ ସଂସ୍କରଣ ନାଲ୍‌କୋ ଖଣି ଦଳ ଦ୍ୱାରା ପଞ୍ଚପଟ୍ଟମାଳି ବକ୍ସାଇଟ ମାଇନ୍ସରେ ଆୟୋଜିତ ହୋଇଯାଇଛି। ଏଥିରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ୨୪ ଦଳ ଅଂଶଗ୍ରହଣ କରିଛନ୍ତି। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ହୋଇଥିଲା। ଏଥିରେ ନାଲକୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ(ସିଏମଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଖଣି ଓ ପରିଶୋଧାନୋ ପ୍ରକଳ୍ପ) ଅମରେନ୍ଦ୍ର କୁମାର ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ପ୍ରକଳ୍ପ) ଭି.ଏସ୍.ଏସ. ଆନନ୍ଦ, ମୁଖ୍ୟ ମହାପ୍ରବନ୍ଧକ(ଖଣି) ପୁରୁଷୋତ୍ତମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉପର ରଙ୍ଗପାଣି ଗ୍ରାମ ଓ ଗୁଞ୍ଜିଗୁଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଉପର ରଙ୍ଗପାଣି ଗ୍ରାମ ଚାମ୍ପିୟନ ହୋଇଛି। ସିଏମଡି ସିଂହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାସ୍ଥ୍ୟ,ଦଳଗତ କାର୍ଯ୍ୟ ଓ ଶୃଙ୍ଖଳାକୁ ପ୍ରାଥମିକତା ଦେବାକୁ କହିଥିଲେ।

## ବିକାଶ ପରିଷଦ ବୈଠକ

ଲକ୍ଷ୍ମୀପୁର,୧୯।୪
(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ବିକାଶ ପରିଷଦ ଆହ୍ୱାନ କ୍ରମେ ସିଙ୍ଗାରମ ଷ୍ଟେଶନ ନିକଟ କୋରାପୁଟ ଓ ରାୟଗଡା ଜିଲା ସୀମାନ୍ତ କୋଡ଼ିଙ୍ଗାମାଳି ପାରିପାର୍ଶ୍ୱିକ ଅଞ୍ଚଳର ଶତାଧିକ ଅଞ୍ଚଳବାସୀ ରବିବାର ବୈଠକ କରିଛନ୍ତି। ଏଥିରେ ଓଏମ୍‌ସି ପକ୍ଷରୁ ବକ୍ସାଇଟ ଖଣି ଖନନ ବୃଦ୍ଧି ନିଷ୍ପତ୍ତିକୁ ନେଇ ପ୍ରଭାବିତ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାର୍ଷିକ ୩ ମିଲିୟନରୁ ୬ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବା ନେଇ ସରକାରୀ ପ୍ରୟାସକୁ ବିରୋଧ ପ୍ରଦର୍ଶନ କରାଯାଇଛି। ରାୟଗଡ଼ା ଜିଲାର କଂସାରିଗୁଡ଼ାରେ ବକ୍ସାଇଟ ରିଫାଇନାରି କାରଖାନା ପ୍ରତିଷ୍ଠା ନେଇ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଛି। ଖଣି ଖନନ ଦ୍ୱିଗୁଣିତ ହେଲେ ନୂଆ କମ୍ପାନୀକୁ କଞ୍ଚାମାଲ ମିଳିବ ନାହିଁ। ବୈଠକରେ ଆଲୋଚନ କରାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେଷିକା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ,ପୂର୍ବତନ ଜିଲା ପରିଷଦ ସଭ୍ୟ ପାରଦା କୁଲେଷିକା, ବିପିନ ମଣ୍ଡିଙ୍ଗା, ଉତ୍ତଲ ଚୌଧୁରୀ ଓ ରାଜେନ୍ଦ୍ର ଦୁରିଆ ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ବିକାଶ ପରିଷଦ ସଦସ୍ୟ ଓ କୋଡ଼ିଙ୍ଗାମାଳି ପାରିପାର୍ଶ୍ୱିକ ଅଞ୍ଚଳବାସୀ।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ମହିଳା

### ୩ ମାସ ହେବ ପାଇକ ସାହିରେ ପାନୀୟ ଜଳ ସମସ୍ୟା

କୋରାପୁଟ, ୧୯।୪(ଅମିତାଭ ବେହେରା)


ଅଭିଯୋଗ ଜଣାଇବାକୁ ଆସିଥିବା ମହିଳାମାନେ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ପୋଡ଼ାଗଡ଼ ସଦର ପଞ୍ଚାୟତ ପାଇକସାହିରେ ୩ ମାସ ହେବ ପାନୀୟ ଜଳର ଅଭାବ ଯୋଗୁ ଗ୍ରାମର ମହିଳାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ପୋଡ଼ାଗଡ଼ ସଦର ପଞ୍ଚାୟତ ପାଇକ ସାହିରେ ୧ ଶହରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ପାନୀୟ ଜଳ ଅଭାବ ଥିବାରୁ ସାହିବାସିନ୍ଦା ସାହିର ଜଣଙ୍କ ଘର କୂଅ ପାଣି ଅନୁରୋଧ କରି ବ୍ୟବହାର କରୁଛନ୍ତି। କିନ୍ତୁ ଖରା ଯୋଗୁ କୂଅରେ ପାଣି ଶୁଖିଯିବାରୁ ସାହିବାସିନ୍ଦାଙ୍କୁ ପାଣି ମିଳୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। କିଛି ଦିନ ସାହିବାସିନ୍ଦାମାନେ ପ୍ରତି ଘରୁ ଚାନ୍ଦା କରି ଟ୍ୟାଙ୍କର ମାଧ୍ୟମରେ ପାଣି କ୍ରୟ କରି ବ୍ୟବହାର କରିଥିବା ମହିଳାମାନେ କହିଛନ୍ତି। ସାହିରେ ଥିବା ଏକ ନଳକୂପରୁ ପାଣି ବହୁତ କମ ବାହାରୁଛି। ସକାଳୁ ମହିଳାମାନେ ଗରା ଓ ହାଣ୍ଡି ଧରି ପାଣି ପାଇଁ ଏଣେତେଣେ ଖୋଜି ବୁଲୁଥିବା ଜିଲାପାଳଙ୍କୁ ଜଣାଇଛନ୍ତି। ପାଣି ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ବାରମ୍ବାର ଜଣାଇଥିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଏହି ଗ୍ରାମ ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବେଳେ ଦୈନିକ ଅନେକ ଅଧିକାରୀ ଯାତାୟାତ କରୁଛନ୍ତି। କିନ୍ତୁ ଏଥିପ୍ରତି କାହାର ନଜର ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ଉତ୍କଟ ହେବାରୁ ବାଧ୍ୟ ହୋଇ ଶତାଧିକ ମହିଳା କୋରାପୁଟ ଆସି ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଜିଲାପାଳ ଅତିଶୀଘ୍ର ପାଣି ବ୍ୟବସ୍ଥା କରିବେ ବୋଲି ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

